**REGIONAL NEWS UNIT, AIR CUTTACK**

**Morning Bulletin** (7.05 AM)

**10 April - 2024**

# ନିର୍ବାଚନ ପରିଚାଳନା

ରାଜ୍ୟରେ ଉଭୟ ଲୋକସଭା ଓ ବିଧାନସଭା ପାଇଁ ମଇ ମାସ ୧୩ ତାରିଖରୁ ଜୁନ ମାସ ୧ତାରିଖ ମଧ୍ୟରେ ଚାରୋଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ । ଗ୍ରୀଷ୍ମପ୍ରବାହ ଏବଂ ସମ୍ଭାବ୍ୟ କାଳବୈଶାଖୀ ମଧ୍ୟରେ ନିର୍ବାଚନ ପ୍ରକ୍ରିୟାକୁ ସଫଳ ପରିଚାଳନା କରିବା ପାଇଁ ଗତକାଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମତଦାନ ଓ ମତଗଣନା ଦିନ କୌଣସି ଅସୁବିଧା ଯେପରି ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ମତଦାନ ପ୍ରକ୍ରିୟାରେ ସମ୍ପୃକ୍ତ ବିଭାଗଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷାକରି ଅଂଶୁଘାତ ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି କରିବା ନେଇ ଶ୍ରୀ ଧଳ ଗୁରୁତ୍ୱ ଦେଇଛନ୍ତି ।

# ପୋଲିଂ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନିର୍ବାଚନ କାର୍ଯ୍ୟରେ ନିଯୁକ୍ତ ନ କରିବା ପାଇଁ ଆବେଦନ କରିଥିବା ପୋଲିଂ କର୍ମଚାରୀମାନଙ୍କର

ଆଜି ଦ୍ୱିତୀୟ ଥର ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟବସ୍ଥା ଅନୁସାରେ ଆଜି ସକାଳ ୯ଟା ସମୟରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୧୨ଜଣ ଆବେଦନକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ଏଥିପାଇଁ ଏକ ମେଡିକାଲ ବୋର୍ଡ ଗଠନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ସମସ୍ତ ୧୨ଟି ବ୍ଲକର ୫ଶହରୁ ଅଧିକ ପୋଲିଂ କର୍ମଚାରୀଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଅନୁପସ୍ଥିତ ଥିବା ୧୦୧ ଜଣ କର୍ମଚାରୀ ଆଜି ମେଡିକାଲ ବୋର୍ଡ ସମ୍ମୁଖାରେ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ମାଗଣା ପାଠ୍ୟପୁସ୍ତକ ବଣ୍ଟନ

ରାଜ୍ୟର ସମସ୍ତ ଘରୋଇ ଏବଂ ଅନୁଦାନପ୍ରାପ୍ତ ଓଡିଆ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମାଗଣା ପାଠ୍ୟପୁସ୍ତକ ଦିଆଯିବ ବୋଲି ଓଡିଶା ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ସୂଚନା ମିଳିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ବନ୍ଧରେ ଜିଲ୍ଲା ଶିକ୍ଷା ଅଧିକାର ଓ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ଚିଠି ଲେଖାଯାଇ ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କର ତାଲିକା ମଗାଯାଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ଚଳିତ ଶିକ୍ଷାବର୍ଷରୁ ମାଗଣା ପାଠ୍ୟପୁସ୍ତକ ବଣ୍ଟନ କରାଯିବ ବୋଲି ସୂଚନା ମିଳିଛି ।

# ରବି ଧାନ କିଣା-ସୁବର୍ଣ୍ଣପୁର

ସୁବର୍ଣ୍ଣପୁର ଜିଲ୍ଲାରେ ଆସନ୍ତା ମଇ ମାସ ୨୨ତାରିଖରୁ ରବି ଧାନକିଣା ଆରମ୍ଭ ହେବ । ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଗତକାଲି ହୋଇଥିବା ବୈଠକରେ ମୋଟ ୧୦୪ଟି ଧାନ କ୍ରୟ କେନ୍ଦ୍ର ଜରିଆରେ ଯୋଗାଣ ବିଭାଗ ଧାନ କିଣିବ ବୋଲି ନିଷ୍ପତ୍ତି ହୋଇଛି । ଧାନକିଣା ପ୍ରକ୍ରିୟାରେ ଜିଲ୍ଲାର ୬୦ଟି ପ୍ୟାକ୍ସଙ୍କ ସହିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସାମିଲ ହେବେ । ରବିବାର ବ୍ୟତୀତ ସପ୍ତାହର ଅନ୍ୟ ସବୁଦିନଗୁଡିକରେ ସକାଳ ୭ଟାରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଧାନ କିଣାଯିବ । ଚଳିତବର୍ଷ ରବିଧାନ ବିକ୍ରି କରିବା ପାଇଁ ୩୫ହଜାର ୫୭୯ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି ।

## ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଚୈତ୍ର ଶୁକ୍ଳ ଦ୍ୱିତୀୟା ତିଥିରେ ଶ୍ରୀଜିଉଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀଜୀଉମାନଙ୍କ ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିବ। ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହେବ । ମହାସ୍ନାନ ପରେ ଶ୍ରଦ୍ଧାଳୁମାନେ ପୁଣି ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିପାରିବେ ।

# ବିଶ୍ୱ ହୋମିଓପାଥିକ ଦିବସ

ହୋମିଓପାଥି ଚିକିତ୍ସାର ଜନକ ଡାକ୍ତର ସାମୁଏଲ ହାନିମ୍ୟାନଙ୍କର ଜନ୍ମଦିନକୁ ବିଶ୍ୱ ହୋମିଓପାଥି ଦିବସ ଭାବେ ଆଜି ପାଳନ କରାଯାଉଛି । ହୋମିଓପାଥି ଗୋଟିଏ ବିକଳ୍ପ ସ୍ୱାସ୍ଥ୍ୟ ଚିକିତ୍ସା ପଦ୍ଧତି ।  ଚଳିତବର୍ଷର ହୋମିଓପ୍ୟାଥି ଦିବସର ବାର୍ତ୍ତା ହେଉଛି 'ଗବେଷଣାକୁ ପ୍ରୋତ୍ସାହନ ଦେଇ ଦକ୍ଷତାର ବିକାଶ' । ଏହି ଅବସରରେ ନୂଆଦିଲ୍ଲୀରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ହୋମିଓପାଥି ବୈଜ୍ଞାନିକମାନଙ୍କର ସମ୍ମିଳନୀର ଉଦ୍‌ଘାଟନ କରିବେ ।

# ବର୍ଷା ସ୍କାଏମେଟ

ଚଳିତବର୍ଷ ସ୍ୱାଭାବିକଠାରୁ ଓଡିଶାରେ କମ୍ ବର୍ଷା ହେବ ବୋଲି ଆନ୍ତର୍ଜାତିକ ପାଣିପାଗ ସଂସ୍ଥା ସ୍କାଏମେଟ୍ ଅନୁମାନ କରିଛି । ସ୍କାଏମେଟ୍‌ର ପୂର୍ବାନୁମାନ ହିସାବରେ  ଚଳିତବର୍ଷ ଦେଶରେ ୨୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକରେ ସ୍ୱାଭାବିକ ବର୍ଷା ହେବ । ଓଡିଶାରେ ଜୁଲାଇ ଓ ଅଗଷ୍ଟ ମାସରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବାର ଅନୁମାନ କରିଛି । ସେପ୍ଟେମ୍ବର ମାସ ବେଳକୁ ରାଜ୍ୟରେ ବର୍ଷା ପୁନର୍ବାର ସ୍ୱାଭାବିକସ୍ତରକୁ ଆସିବ ବୋଲି ସ୍କାଏମେଟ୍‌ର ତଥ୍ୟରୁ ଜଣାପଡିଛି । ସୂଚନାଯୋଗ୍ୟ, ପ୍ରତ୍ୟେକ ବର୍ଷ ଜୁନ ୧ତାରିଖରୁ କେରଳ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ମୌସୁମୀ ଆସିଥାଏ । ପ୍ରାୟ ଚାରିମାସ ଧରି ମୌସୁମୀ

ସକ୍ରିୟ ରହେ । ଦେଶରେ ୯୬ ପ୍ରତିଶତରୁ ୧୦୪ପ୍ରତିଶତ ବର୍ଷାକୁ ସ୍ୱାଭାବିକ ଭାବେ ଗଣନା କରାଯାଇଥାଏ ।

## ପାଣିପାଗ

ଉତ୍ତର ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ପବନ ବହିବାର ସମ୍ଭାବନା ଥିବାରୁ ଆସନ୍ତା ଶନିବାର ଠାରୁ ତାପମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ କହିଛି । ବିଶେଷକରି ରାଜ୍ୟର ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୪୦ ଡ଼ିଗ୍ରୀରୁ ଊର୍ଦ୍ଧ୍ୱ ରହିବ । ଅନ୍ୟପକ୍ଷରେ କାଳବୈଶାଖୀ ଯୋଗୁଁ ତାପମାତ୍ରା ଗତ ଦୁଇଦିନ ତଳେ ପ୍ରାୟ ୬ ଡିଗ୍ରୀ ହ୍ରାସ ପାଇଥିଲା । ହେଲେ ଗତକାଲିଠାରୁ ତାପମାତ୍ରା ବୃଦ୍ଧି ପାଇଛି । ପାରଳାଖେମୁଣ୍ଡିରେ ଗତକାଲି ୩୯ ଦଶମିକ ୨ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ।